# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28th May – 2025**

**News Editor : Tapan Kumar Moharana**

`*********************************`

## ମୁଖ୍ୟ ସମ୍ବାଦ

- ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି ନେଇ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି
- ପୁରୀରୁ ଆସନ୍ତାକାଲି ଶୁଭାରମ୍ଭ ହେବ କେନ୍ଦ୍ର ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଉ କିଛି ସମୟ ପରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ
- ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକ ଲାଗି ନୀତି ପାଇଁ ସନ୍ଧ୍ୟା ୭ଟାରୁ ୪ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ଓଡ଼ିଶା ଉପକୂଳ ସ୍ପର୍ଶ କଲା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ; ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି

## ଏମ୍‌ଏସ୍‌ପି ବୃଦ୍ଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୨୦୨୫-୨୬ ବିପଣନ ଋତୁ ପାଇଁ ୧୪ଟି ଖରିଫ୍ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍‌ଏସ୍‌ପିକୁ ବୃଦ୍ଧି କରାଯାଇଛି ।  ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୬୯ ଟଙ୍କା ବୃଦ୍ଧି ପାଇ ୨ ହଜାର ୩୬୯ ଟଙ୍କାରେ ପହଞ୍ଚିଛି । ଏଥିପାଇଁ ସରକାର ୨ ଲକ୍ଷ ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ । ଏତଦ୍‌ବ୍ୟତୀତ ଯଅ, ବାଜରା, ମକ୍କା, ମାଣ୍ଡିଆ ଆଦି ଖାଦ୍ୟଶସ୍ୟର ଏମ୍‌ଏସ୍‌ପିକୁ ମଧ୍ୟ ବୃଦ୍ଧି କରାଯାଇଛି । ବୈଠକପରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି କହିଛନ୍ତି......

**-V/O-***(Ashwini Baishnaw)*

## କୃଷି ସଂକଳ୍ପ ଅଭିଯାନ

କେନ୍ଦ୍ର ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ ଆସନ୍ତାକାଲିଠାରୁ ପୁରୀରୁ ଆରମ୍ଭ ହେବ । ବିକଶିତ କୃଷି ସଂକଳ୍ପ ଅଭିଯାନକୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୁଭାରମ୍ଭ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ । କେନ୍ଦ୍ର ସରକାରଙ୍କର ଯୁଗାନ୍ତକାରୀ କୃଷି ପଦକ୍ଷେପକୁ ତୃଣମୂଳସ୍ତରରେ ପହଞ୍ଚାଇବା ଏବଂ କୃଷି କ୍ଷେତ୍ରରେ ନବସୃଜନ ସୃଷ୍ଟି ଲକ୍ଷ୍ୟରେ ସଂକଳ୍ପ ଅଭିଯାନର ଆୟୋଜନ

କରାଯାଉଛି। ଆସନ୍ତା ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ କୃଷି ସଂକଳ୍ପଯାତ୍ରା ସଂପର୍କିତ କାର୍ଯ୍ୟକ୍ରମ ଦେଶର ବିଭିନ୍ନ ସ୍ଥାନରେ ଚାଲିବ।

ଅଭିଯାନ ସମ୍ପର୍କରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ କହନ୍ତି....

**-V/O-***(Sivraj Singh Chouhan)*

## ରାଜ୍ୟପାଳ

ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ସହାୟତା ପାଇଁ ଅଧିକାରୀମାନେ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଭଲ ଭାବରେ ଅବଗତ ହେବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ପରାମର୍ଶ ଦେଇଛନ୍ତି। ରାଜଭବନର ନିଉ ଅଭିଷେକ ହଲ୍‌ଠାରେ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନ୍‌ରେ ତାଲିମ୍ ନେଉଥିବା ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଓ ସହକାରୀ ଶ୍ରମ ଅଧିକାରୀଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ସରକାରଙ୍କ ଯୋଜନାକୁ ଉପଯୁକ୍ତ ତଦାରଖ କରିବା ସହ ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରବୃତ୍ତି, ଆଇନ୍‌ଗତ ସହାୟତା ପ୍ରଦାନ, ଅସୁରକ୍ଷିତ ଜନଜାତି ଗୋଷ୍ଠି ପାଇଁ ବୀମା ବ୍ୟବସ୍ଥା ଭଳି ସୁବିଧା ପାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

## ସାହିତ୍ୟ ସମ୍ମିଳନୀ

ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରଠାରେ ଆସନ୍ତାକାଲିଠାରୁ ଦୁଇଦିନିଆ ସାହିତ୍ୟିକ ସମ୍ମିଳନୀ ଅନୁଷ୍ଠିତ ହେବ। କେନ୍ଦ୍ର ସାହିତ୍ୟ

ଏକାଡେମୀର ସହଯୋଗରେ ହେବାକୁ ଥିବା ଏହି ସମ୍ମିଳନୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାହିତ୍ୟିକମାନେ ଯୋଗଦେବେ। ସମ୍ମିଳନୀରେ ବିଭିନ୍ନ ବିଷୟରେ ଅନେକ ଅଧିବେଶନ ହେବ ଓ ଦେବୀ ଅହିଲ୍ୟାବାଇ ହୋଲ୍କରଙ୍କ ଗାଥା ସହିତ ଏହାର ସମାପନ କରାଯିବ।

## କ୍ୟାବିନେଟ

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଉ କିଛି ସମୟପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ହେବାକୁ ଥିବା ବୈଠକରେ ଆଇନ୍, ପୂର୍ତ୍ତ, ପଞ୍ଚାୟତିରାଜ, ରାଜସ୍ୱ ବିଭାଗ ସମ୍ବଳିତ ଏକାଧିକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଅନୁମୋଦନ ହେବାର ସମ୍ଭାବନା ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଅଂକୁର

ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୂନଃ ପରିଭାଷିତ କରିବା ଦିଗରେ ଐତିହାସିକ ପଦକ୍ଷେପ ସ୍ୱରୂପ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଅଟଳ ନେଟ୍‌ୱର୍କ ଫର ନଲେଜ- 'ଅଂକୁର' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ରାଜ୍ୟବ୍ୟାପୀ ଅନ୍ତର୍ଭୁକ୍ତ ସ୍ଥାୟୀ ଏବଂ ଅଭିନବ ସହର ବିକାଶକୁ ଗଢ଼ି ତୋଳିବା ପାଇଁ ଏକ ରଣନୀତିକ ପଦକ୍ଷେପ ଭାବେ ଗ୍ରହଣ କରାଯାଉଛି। ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ସହର ବିକାଶ ଇକୋ-

ସିଷ୍ଟମ୍‌ରେ କାର୍ଯ୍ୟ କରୁଥିବା ୬ଟି ପ୍ରମୁଖ ଅନୁଷ୍ଠାନ ଓ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏଥିରେ ଯୋଗଦେଇ ଅଂକୁର ଏକ ସାମୁହିକ ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ ବୋଲି କହିଛନ୍ତି।

# ବନକ ଲାଗି ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଅପରପକ୍ଷରେ ପବିତ୍ର ସ୍ନାନପୂର୍ଣ୍ଣିମା ପରଦିନଠାରୁ ଶ୍ରୀବିଗ୍ରହମାନଙ୍କର ଅନବସର ସେବା ଆରମ୍ଭ ହେବ । ଏହି ସମୟରେ ଶ୍ରଦ୍ଧାଳୁମାନେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ଦର୍ଶନ କରିଥାନ୍ତି । ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅଲାରନାଥ ପୀଠ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଏହି ସମୟରେ ସେବାୟତଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ  ବରିଷ୍ଠ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଶିକ୍ଷକ ବିକାଶ ଓ ଡିଜିଟାଲ ଶିକ୍ଷାକୁ ପ୍ରାଧାନ୍ୟ ଦେଇ  ନୂଆଦିଲ୍ଲୀର ଏନ୍‌ସିଇଆରଟିଠାରେ ଏକ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ

କରାଯାଇଛି । କେନ୍ଦ୍ରୀୟ ଶିକ୍ଷା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ-ସିଆଇଇଟି ଓ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଜାରି ରହିଛି । ପିଏମ୍ ଇ-ବିଦ୍ୟା ମିଶନ ଅଧୀନରେ ବିଷୟବସ୍ତୁ ବିକାଶ ନେଇ ୨୬ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୩୦ ତାରିଖରେ ସମାପନ ହେବ । ପିଏମ୍ ଇ-ବିଦ୍ୟା ମିଶନ ଓ ଜାତୀୟ ଶିକ୍ଷାନୀତି -୨୦୨୦ର ଦୃଷ୍ଟିକୋଣ ସହିତ ସମନ୍ୱିତ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଶିକ୍ଷକ ମାନଙ୍କର ଡିଜିଟାଲ ଦକ୍ଷତା ବୃଦ୍ଧି କରିବା ଏବଂ ଶ୍ରେଣୀଗୃହ ଶିକ୍ଷାଦାନରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ପ୍ରୋତ୍ସାହିତ କରିବା । ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୪୦ ଜଣ ସ୍ନାତକୋତ୍ତର ଶିକ୍ଷକ ଅଂଶଗ୍ରହଣ କରିଛନ୍ତି ।

## ଲକ୍ଷପତି ଦିଦି

ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠିଗୁଡ଼ିକର ସଫଳତାକୁ ସମର୍ଥନ ଓ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଆସନ୍ତାକାଲିଠାରୁ ଭୁବନେଶ୍ୱର ଲୋକସେବା ଭବନରେ ଲକ୍ଷପତି ଦିଦି ସମ୍ମିଳନୀ ଅନୁଷ୍ଠିତ ହେବ । ମିଶନଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠି ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଥିବା ଲକ୍ଷପତି ଦିଦି ମାନଙ୍କୁ ସମ୍ବର୍ଦ୍ଧିତ କରିବେ ।

## ଶୀତଳ ଷଷ୍ଠୀ

ସମ୍ବଲପୁରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ଶୁଭାରମ୍ଭ ହୋଇଛି। ଆଜି ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ବା ନୃସିଂହ ନିଉତା ଅନୁଷ୍ଠିତ ହେବ। ଦେବଦେବ ମହାଦେବଙ୍କ ବିବାହ ପାଇଁ ବିମାନରେ ବିଜେ କରି ନୃସିଂହ ମହାପ୍ରଭୁ ନିମନ୍ତ୍ରଣରେ ବାହାରିବେ। ବିରାଟ ପଟୁଆରରେ ଯାଇ ପଇତା, ଗାମୁଛା, ଗୁଆ, ହଳଦୀ, ମିଠା ନେଇ ନିମନ୍ତ୍ରଣ ପତ୍ର ଦେବାର ପରମ୍ପରା ରହିଛି।

## ଆଇଆଇଟିରେ ଋତୁସ୍ରାବ ସମ୍ମିଳନୀ

ମହିଳାଙ୍କ ସ୍ୱପ୍ନ ଓ ଅଗ୍ରଗତିରେ ମାସିକ ଋତୁସ୍ରାବ ବାଧକ ହେବନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ଆଇ.ଆଇ.ଟି., ଅରଗୁଳ ପରିସର ପ୍ରେକ୍ଷାଳୟରେ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଶୀର୍ଷକ ଉପରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ପରିଡା ଋତୁସ୍ରାବ ସମୟରେ ସ୍ୱଚ୍ଛତା ଓ ସଂସ୍କାରକୁ ଗ୍ରହଣ କରିବାକୁ ମହିଳାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ  ଉପମୁଖ୍ୟମନ୍ତ୍ରୀ ୨ଟି ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍‌ର ଉଦ୍‌ଘାଟନ କରିବା ସହ ମହିଳା ଓ କିଶୋରୀମାନଙ୍କୁ ପୁନଃ ବ୍ୟବହାରଯୋଗ୍ୟ ନାପକିନ୍ ବଣ୍ଟନ କରିଥିଲେ।

## ସୁରେଶ ପୂଜାରୀ

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶଭବନ ସମ୍ମିଳନୀକକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଚାଲିଥିବା ସରକାରଙ୍କ ବିଭିନ୍ନ

ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## ରକ୍ତ କର୍କଟ ଦିବସ

ରକ୍ତକର୍କଟ ରୋଗକୁ ଚିହ୍ନଟ କରିବା ଏବଂ ଏହା ସମ୍ପର୍କରେ ଜନସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ରକ୍ତକର୍କଟ ଦିବସ ଭାବେ ପାଳନ କରାଯାଉଛି। ଏହି ରୋଗ ଅସ୍ଥିମଜ୍ଜାରୁ ଆରମ୍ଭ ହେବା ସହ ରକ୍ତକୋଷର ଉତ୍ପାଦନ ଓ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଫଳରେ ଆକ୍ରାନ୍ତ ରୋଗୀଙ୍କ ରକ୍ତକୋଷର ଅନିୟନ୍ତ୍ରିତ ବୃଦ୍ଧି ହେବା ସହ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଲ୍ୟୁକୋମିୟା, ଲିମ୍ଫୋମା ଏବଂ ମାୟୋଲୋମା ଭଳି ରକ୍ତକର୍କଟ ରୋଗ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ବିଶ୍ୱ ରକ୍ତକର୍କଟ ଦିବସ ପାଳନ କରାଯାଇଥାଏ। ବିଶ୍ୱ ରକ୍ତକର୍କଟ ଦିବସ ଅବସରରେ **ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ ସାମାଜିକ ଗଣମାଧ୍ୟମରେ ରକ୍ତକର୍କଟ ରୋଗରେ ପୀଡିତ ରୋଗୀଙ୍କ ମନୋବଳ ଦୃଢ଼ କରିବା ପାଇଁ ଚେଷ୍ଟା କରିବା, ସୁସ୍ଥ ଜୀବନଶୈଳୀ ଆପଣାଇବା, ସଚେତନ ହେବା ଏବଂ ସୁରକ୍ଷିତ ରହିବା ନେଇ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। କର୍କଟ ରୋଗର କାରଣ ନିରାକରଣ ସଂପର୍କରେ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର **ସ୍ମିତି ଦାସ** କହନ୍ତି...

**-V/O-**

## ପାଣିପାଗ

ଦକ୍ଷିଣପଶ୍ଚିମ ମୌସୁମୀବାୟୁ ଆଜି ଓଡ଼ିଶା ଉପକୂଳ ସ୍ପର୍ଶ କରିଛି । ପରେ ଦକ୍ଷିଣ ଓଡ଼ିଶାର କିଛି ଅଂଚଳକୁ ମୌସୁମୀବାୟୁ ଅଗ୍ରସର ହୋଇଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ଜାରି ରହିଛି । ଅପରପକ୍ଷରେ, ଉତ୍ତର ପଶ୍ଚିମ ବଙ୍ଗୋପସାଗରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାକୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

***********************************